## ଦୀପ ନିଆଁରେ ଗୁରୁତର ମହିଳାଙ୍କ ମୃତ୍ୟୁ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ମୋଟାବାଡ଼ି ଗ୍ରାମର ଶିବ ମନ୍ଦିରରେ ଦୀପରୁ ନିଆଁ ଲାଗି ସୁରମଣି ଗ୍ରାମର ରାମଚନ୍ଦ୍ର ମହାରଣାଙ୍କ ସ୍ତ୍ରୀ ଗାୟତ୍ରୀ (୩୫) ଗୁରୁତର ହୋଇଥିଲେ। ଶନିବାର ଚିକିତ୍ସାଧୀନ ଅବସ୍ଥାରେ କଟକ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗାୟତ୍ରୀ ଶୁକ୍ରବାର ସଂକ୍ରାନ୍ତି ଥିବାରୁ ସାଢେ ୧୧ଟାରେ ଗାଁ ଶିବ ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ। ସେଠାରେ ଥିବା ଏକ ଦୀପର ନିଆଁ ଗାୟତ୍ରୀଙ୍କ ଶାଢ଼ିରେ ଲାଗିଯିବାରୁ ଜଳିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା, ବ୍ରହ୍ମପୁର ପରେ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା।

## ସଂକ୍ଷେପରେ

### ସିଦ୍ଧ ବିନାୟକ ମନ୍ଦିର ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୧୩।୨: ବ୍ରହ୍ମପୁର ହିଲପାଟଣାସ୍ଥ ସିଦ୍ଧ ବିନାୟକ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ଏକାଦଶତମ ବାର୍ଷିକ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ଚୌଧୁରୀ, ସମ୍ପାଦକ ସମରସେନ ପାତ୍ରଙ୍କ ସମେତ ରତ୍ନାକର ସାବତ, ଅଶୋକ ପଣ୍ଡା, ରଘୁ ପ୍ରସାଦ ପାଣିଗ୍ରାହୀ, ବଳରାମ ପଣ୍ଡା ପ୍ରମୁଖ ସଂଯୋଜନା କରିଥିଲେ। ପରିଚାଳନା କମିଟିର ପୂର୍ବତନ ସଭାପତି ଅଶୋକ କୁମାର ସାହୁ ଓ ମନ୍ଦିର ଟ୍ରଷ୍ଟି ସଦସ୍ୟମାନେ ସହଯୋଗ କରିଥିଲେ।

ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଜେଡି ନେତା ସଞ୍ଜିତ ପାଣିଗ୍ରାହୀ, କଂଗ୍ରେସ ନେତା ପୀତବାସ ପଣ୍ଡାଙ୍କ ସମେତ ବିଭିନ୍ନ ସ୍ତରର ଅନେକ ବିଶିଷ୍ଟ ବ୍ୟକ୍ତି ଓ ମହିଳା ଏବଂ ଅଞ୍ଚଳବାସୀ ଯୋଗ ଦେଇଥିଲେ।

### ବାଲ୍ୟ ବିବାହ ସଚେତନତା ଶିବିର

ବ୍ରହ୍ମପୁର ଅଫିସ, ୧୩।୨: ବ୍ରହ୍ମପୁର ମହାନଗର ନିଗମ ୱାର୍ଡ଼ ନଂ. ୭ରେ ଶନିବାର ବାଲ୍ୟ ବିବାହ ରୋକିବା ପାଇଁ ଏକ ସଚେତନତା ଶିବିର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ବ୍ରହ୍ମପୁର-୨ ପକ୍ଷରୁ ବାଲ୍ମୀକିପେଟା ସାହିଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର ରାକେଶ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ ରୋକିବା ଓ କନ୍ୟା ରତ୍ନକୁ ସମ୍ମାନ ଦେବା ସହ ସମସ୍ତ ଶିଶୁ କିଭଳି ସାକ୍ଷରତା ଲାଭ କରିବେ ସେ ନେଇ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଅଞ୍ଚଳବାସୀ, ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନିଶାସକ୍ତ ବସ୍ ଚାଳକ ଗିରଫ

ଭଞ୍ଜନଗର,୧୩।୨(ଡି.ଏନ.ଏ.): ଭଞ୍ଜନଗର ସହକାରୀ ଏମ୍‌ଭିଆଇ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ କଣ୍ଟେଇପଲ୍ଲୀ ରାସ୍ତାରେ ଶନିବାର ଯାନବାହନ ଯାଞ୍ଚ କରୁଥିଲେ । ଏହି ସମୟରେ ସୋରଡ଼ାରୁ ଭଞ୍ଜନଗର ଅଭିମୁଖେ ଆସୁଥିବା ଏକ ବସ୍‌କୁ ଅଟକାଇ ବ୍ରେଦ୍ ଆନାଲାଇଜରରେ ଚାଳକ ମଦ ପିଇଛନ୍ତିକି ନାହିଁ ଯାଞ୍ଚ କରାଯାଇଥିଲା। ଚାଳକ ଜଣଙ୍କ ମଦ ପିଇଥିବା ଯୋଗୁ ତାଙ୍କୁ ଭଞ୍ଜନଗର ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଚାଳକଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ମଦ ପିଇ ଗାଡି ନଚଳାଇବାକୁ ସଚେତନ କଲେ ମଧ ଚାଳକମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ଯାଉଛି। ତେଣୁ ଦୁର୍ଘଟଣା କମାଇବାକୁ ପ୍ରଶାସନ ପକ୍ଷରୁ ଇତିମଧରେ କଡ଼ା ପଦକ୍ଷେପ ନିଆଯାଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ ସୂଚନା ଦେଇଛନ୍ତି ।

# ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟନର ୨୫ ବର୍ଷ ପରେ ବି ଅସମ୍ପୂର୍ଣ୍ଣ

ବ୍ରହ୍ମପୁର ଅଫିସ,୧୩।୨

**ବାଘଲଟି ପ୍ରକଳ୍ପ**
- ବର୍ଦ୍ଧିତ ବ୍ୟୟ ଅଟକଳ ୨୬୨ କୋଟି
- ନିର୍ମାଣ ବାବଦରେ ୨୩୦ କୋଟି ବିନିଯୋଗ
- ୩ ବ୍ଲକରେ ୫୪୮୮ ହେକ୍ଟର ଜମିକୁ ସେଚ ବ୍ୟବସ୍ଥା

ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ଅନ୍ତର୍ଗତ ନୂଆଗଡ଼ ନିକଟରେ ନିର୍ମାଣ କରାଯାଉଥିବା ବାଘଲଟି ମଧ୍ୟମ ଜଳସେଚନ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ୧୯୯୯ ଡିସେମ୍ବର ୨୦ରେ ଉଦ୍‌ଘାଟିତ ହୋଇଥିଲା। ଏହା ୨୨ ବର୍ଷ ପୂରିବାକୁ ଯାଉଥିବା ବେଳେ ସରୁନି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ। ଅପରପକ୍ଷରେ ବ୍ୟୟ ଅଟକଳ ବହୁଗୁଣ ବଢ଼ି ଏବେ ୨୬୨ କୋଟି ଟଙ୍କା ହୋଇଛି। ଚିର ମରୁଡ଼ି ପ୍ରପୀଡ଼ିତ ପାତ୍ରପୁର ଓ ଚିକିଟି ବ୍ଲକରେ କୃଷି କାର୍ଯ୍ୟକ୍ରମ ଲାଗି ଚାଷୀଙ୍କୁ ସେଚ ବ୍ୟବସ୍ଥାର ଉନ୍ନତି ପାଇଁ ୧୯୮୦ ଦଶକର ଦ୍ୱିତୀୟ ଭାଗରେ ବିଧାନସଭାର ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ଉଦ୍ୟମରେ ତତ୍କାଳୀନ କଂଗ୍ରେସ ସରକାର ଅମଳରେ ଯୋଜନାର ଶୁଭ ଦେଇଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ। ଅହେତୁକ ବିଳମ୍ବରେ ନିର୍ମାଣ କରାଯାଇଥିବା ପ୍ରଥମ ପର୍ଯ୍ୟାୟକୁ ୧୯୯୫ ଡିସେମ୍ବରରେ ଜଳ ସମ୍ପଦ ଦାୟିତ୍ୱରେ ଥିବା ତତ୍କାଳୀନ ଉପ ମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଲୋକାର୍ପଣ କରିଥିଲେ।

ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ ପାଇଁ ସେତେବେଳେ ୨୭.୬୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୩୬.୬୧ କୋଟିକୁ ବଢ଼ିଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ୩୯.୫୦ କୋଟି ଅଟକଳ କରାଯାଇଥିବା ବେଳେ ପରିବର୍ଦ୍ଧିତ ଅଟକଳ ୨୬୨ କୋଟିକୁ ବୃଦ୍ଧି ପାଇଛି। ବାଘଲଟି ଯୋଜନାର ନିର୍ବାହୀ ଯନ୍ତ୍ରୀ ସଞ୍ଜିତ ଦାସ ଶର୍ମା ଯୋଗାଯୋଗ ବେଳେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପର ଦୁଇ ପର୍ଯ୍ୟାୟରେ ୨୩୦ କୋଟି ଟଙ୍କା ବ୍ୟୟ ହୋଇସାରିଛି। ପାତ୍ରପୁର, ଚିକିଟି ଓ ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ୫୪୮୮ ହେକ୍ଟର ଚାଷଜମିକୁ ସେଚ ବ୍ୟବସ୍ଥା ହୋଇଛି। ଏଥିପାଇଁ ୧୪୦ କି.ମି.କେନାଲ ଖନନ ହୋଇଛି। ଆହୁରି ୩୨ କୋଟି ଟଙ୍କା ବଳକା ଅଛି। ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଅଧିକ କେନାଲ କରାଯାଉଛି। ଖୁବ୍ ନିକଟରେ ଯୋଜନା ସମ୍ପୂର୍ଣ୍ଣ ହୋଇଯିବାର ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଯୋଜନା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଏବଂ ବିଜେଡି ସରକାରଙ୍କ ୨୦୦୦ରୁ ୨୦୦୭ ସୁଦ୍ଧା କେତେ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ବିଧାନସଭାରେ ୨୦୦୮ ମାର୍ଚ୍ଚ ୨୪ରେ ପ୍ରଶ୍ନ କରିଥିଲେ ତତ୍କାଳୀନ କଂଗ୍ରେସ ବିଧାୟିକା ହେମାବତୀ ଗମାଙ୍ଗ। ଜଳସମ୍ପଦ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉତ୍ତରରେ ପ୍ରକଳ୍ପର ମୂଳ ବ୍ୟୟ ଅଟକଳ ୪୫.୦୪ କୋଟିରୁ ୨୦୦୭ ସୁଦ୍ଧା ୧୧୯.୫୦ କୋଟିକୁ ବୃଦ୍ଧି ପାଇଥିବା କହିଥିଲେ। ୨୦୦୯ ସୁଦ୍ଧା ଯୋଜନା ସମ୍ପୂର୍ଣ୍ଣ ହେବାକୁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଏହାର ୧୨ ବର୍ଷ ବିତିବା ପରେ ବି ଯୋଜନା ଅସମ୍ପୂର୍ଣ୍ଣ ରହିଛି ଏବଂ ବ୍ୟୟ ଆଖିବୁଜା ବୃଦ୍ଧି ପାଇଛି। ସରକାରଙ୍କ ଅବହେଳାରୁ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଚିକିଟିର ପ୍ରାକ୍ତନ ବିଧାୟକ ତଥା ପୂର୍ବତନ ବାଚସ୍ପତି ଦ୍ୟାନସାମନ୍ତରା କଟାକ୍ଷ କରିଛନ୍ତି।

ବାଘଲଟି ଡ୍ୟାମ ଦ୍ୱାରା ଆଦିବାସୀ ଅଧ୍ୟୁଷିତ ୯ ଖଣ୍ଡ ଗ୍ରାମ ସମ୍ପୂର୍ଣ୍ଣ ବୁଡ଼ିଯିବାର ନକ୍‌ସା ପ୍ରସ୍ତୁତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୮ ଗ୍ରାମବାସୀଙ୍କ ପାଇଁ ନୂଆ ଥଇଥାନ କଲୋନୀ ନିର୍ମିତ ହୋଇଥିବା ଓ ଅବଶିଷ୍ଟ କାମ ଚାଲିଥିବା ନିର୍ବାହୀ ଯନ୍ତ୍ରୀ ସୂଚାଇଛନ୍ତି। ଥଇଥାନ କଲୋନୀରେ ସମସ୍ତ ସୁବିଧା ଉପଲବ୍ଧ ଥିବା କୁହାଯାଇଛି। ୧୯୯୦ରେ ଜନତା ଦଳ ସରକାର ଗଠନ ହେବା ପରେ ପ୍ରକଳ୍ପ ନିମନ୍ତେ ଜଳ ସମ୍ପଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ବାଘଲଟି ଡିଭିଜନ ପ୍ରତିଷ୍ଠା କରାଯାଇଛି। ଯୋଜନା ସମ୍ପୂର୍ଣ୍ଣ ହେବା ପରେ ଡିଭିଜନ ଉଠିଯିବାର ମଧ ଆଶଙ୍କା କରାଯାଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ କୃଷିପ୍ରଧାନ ଗଞ୍ଜାମ ଜିଲ୍ଲାରେ ଗୋଟିଏ ବି ନୂଆ ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇ ନ ଥିବା ବେଳେ ବାଘୁଆ ସମେତ ଅନ୍ୟ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହୋଇ ନ ଥିବା ବିଭିନ୍ନ ମହଲରୁ ଅଭିଯୋଗ କରାଯାଇଛି।

## ପେନ୍‌କାକ୍ ସିଲାଟ ପ୍ରଶିକ୍ଷଣ



ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ, ୧୩।୨

**ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ**

ଗୁରୁକୁଳ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ଶନିବାର ଦୁଇ ଦିନିଆ ରାଜ୍ୟ ପେନ୍‌କାକ୍ ସିଲାଟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରସନ୍ନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର ଓ ଅଧ୍ୟକ୍ଷା ମଧୁସ୍ମିତା ପରିଡ଼ା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ, ନବରଙ୍ଗପୁର ଓ ବରଗଡ଼ ଭଳି ବିଭିନ୍ନ ଜିଲ୍ଲାରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଅନ୍ତର୍ଜାତୀୟ କୋଚ୍ ନାଓରେମ୍ ବୟାନ ସିଂଙ୍କ ସମେତ ଶିକ୍ଷାନୁଷ୍ଠାନର ସାଧାରଣ ସମ୍ପାଦକ ଗୁରୁ ପ୍ରେମ୍ ସିଂ ଥାପା, ସଭାପତି ରବି କୁମାର ସାହୁ ଓ ସମ୍ପାଦକ ବିପିନ୍ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୱାର୍ଡ ସମସ୍ୟା ବୁଲି ଦେଖିଲେ କମିଶନର, ବିଧାୟକ


ବିଧାୟକ ଓ କମିଶନର ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବ୍ରହ୍ମପୁର ଅଫିସ୍,୧୩।୨

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୨୫ ଓ ୨୬ ନଂ ୱାର୍ଡ଼କୁ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ୨୫ ଓ ୨୬ ନଂ. ୱାର୍ଡ଼ରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ନୂଆ ବନ୍ଧ ଓ ଉତ୍ତରେଶ୍ୱର ପୋଖରୀ ପରିଦର୍ଶନ କରିଥିଲେ। ଏଥିସହ ୱାର୍ଡର ଡ୍ରେନ୍, ରାସ୍ତାଘାଟ ଗୁଡ଼ିକୁ ଦେଖିବା ସହ ୱାର୍ଡ଼ ବାସିନ୍ଦାଙ୍କ ପକ୍ଷରୁ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରାଯାଇଥିଲା।

## ମହିଳାଙ୍କ ଭିଡିଓ ଭାଇରାଲ କରି ଆର୍‌ଡବ୍ଲ୍ୟୁଏସ୍‌ଏସ୍ କର୍ମଚାରୀ ଗିରଫ

ବ୍ରହ୍ମପୁର ଅଫିସ,୧୩।୨

ଜଣୈକା ମହିଳାଙ୍କ ବିଭିନ୍ନ ଫଟୋ ଭାଇରାଲ୍ କରି ହଇରାଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଜଣେ କର୍ମଚାରୀଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତ ଜଣକ କୋର୍ଟପେଟା ଛକରେ ଥିବା ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଟାଇପିଷ୍ଟ ଅକ୍ଷୟ ପଣ୍ଡା (୫୧) । ତାଙ୍କ ଘର ଦିଗପହଣ୍ଡି ଥାନା ପନାଡ଼ ବୋଲି ପୋଲିସ କହିଛି। ଅକ୍ଷୟ ଜଣୈକା ମହିଳାଙ୍କ ଫଟୋ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୩୭/୨୧ରେ ଅକ୍ଷୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଦଳପତି ମହାସଭା ପକ୍ଷରୁ ବୈଠକ

ବ୍ରହ୍ମପୁର ଅଫିସ୍,୧୩।୨

ଦଳପତି ମହାସଭା ପକ୍ଷରୁ ଶନିବାର ଏନ୍‌ଜିଓ ହଲ୍ ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ମୀନକେତନ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ମୁକ୍ତେଶ୍ୱର ବିଲ ସାହି, ବିଷ୍ଣୁ ନଗର, ଶାନ୍ତି ନଗର, ଗେଟ୍ ବଜାର, ବାଙ୍କବିହାରୀ ନଗର, ବ୍ୟାଙ୍କ କଲୋନୀ, ଭବାନୀ ନଗର ଓ ତୁଳସୀ ନଗର ଆଦି ଅଞ୍ଚଳର ଦଳପତି ଜାତିର ବହୁ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ କାର୍ତ୍ତିକେୟ ଜେନା, ସମ୍ପାଦକ ରବୀନ୍ଦ୍ର କୁମାର ସାମଲ, ଉପସଭାପତି ଯୁଧିଷ୍ଠିର ପରିଡ଼ାଙ୍କୁ ଚୟନ କରାଯାଇଥିଲା।

## ସିଟି ହାଇସ୍କୁଲରେ ଶିକ୍ଷକ, ଅଭିଭାବକ ବୈଠକ


ବୈଠକରେ ଉପସ୍ଥିତ ଅତିଥି ଓ ଶିକ୍ଷକ।

ବ୍ରହ୍ମପୁର ଅଫିସ, ୧୩।୨

ବ୍ରହ୍ମପୁର ସିଟି ହାଇସ୍କୁଲ ପରିସରରେ ଶନିବାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ପନ୍ନଗ ନାଗଭୂଷଣ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଶିକ୍ଷା ଉପସଚିବ ରଘୁରାମ ଆର୍.ଆୟାର୍, ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଓ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ବିନିତା ସେନାପତି ଯୋଗ ଦେଇଥିଲେ। ବୈଠକରେ ୧୦୦ ଦିନର ପାଠ୍ୟକ୍ରମ, କୋଭିଡ଼୍ କଟକଣା, ପରୀକ୍ଷା ଦର୍ପଣ ସମ୍ପର୍କରେ ଅଭିଭାବକମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଶତ ପ୍ରତିଶତ ପରୀକ୍ଷା ଫଳ କରାଇବା ପାଇଁ ଶିକ୍ଷକ ଓ ଅଭିଭାବକ ମିଳିତ ଭାବେ ଉଦ୍ୟମ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରମୋଦ କୁମାର ନାୟକ, ଗୋପାଳକୃଷ୍ଣ ମିଶ୍ର, ସୀମାଞ୍ଚଳ ତ୍ରିପାଠୀ, ଶିକ୍ଷୟିତ୍ରୀ ସୁଜାତା ମହାରଣା ଓ ରାଜଲକ୍ଷ୍ମୀ ସାହୁଙ୍କ ସମେତ ବହୁ ଶିକ୍ଷୟତ୍ରୀ ଏବଂ ଶିକ୍ଷକ ଉପସ୍ଥିତ ଥିଲେ।

## ଜେଲ ଫେରିଲେ ପାଠକ ବାପ-ପୁଅ

ବ୍ରହ୍ମପୁର ଅଫିସ,୧୩।୨

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ଘଟଣା**

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ମାମଲାରେ ଗୋଳନ୍ଥରା ପୋଲିସ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କୁ ଦିନିକିଆ ରିମାଣ୍ଡରେ ନେଇଥିଲା। ଜେରା ପରେ ଶନିବାର ବାପ-ପୁଅଙ୍କୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ପରେ କୋର୍ଟ ନିର୍ଦ୍ଦେଶକ୍ରମେ ପୁଣିଥରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିବା ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଶୁକ୍ରବାର ପୋଲିସ ଦିନତମାମ ଥାନାରେ ବାପ-ପୁଅଙ୍କୁ ଠକେଇ ମାମଲାରେ ସମ୍ପୃକ୍ତିର ବିଭିନ୍ନ ଦିଗ ଉପରେ ମାରାଥନ ଜେରା କରିଥିଲା। ଏହି ଟଙ୍କା ଠକେଇ ଘଟଣାରେ ସମ୍ପୃକ୍ତି ଥିଲା ନା ଅନ୍ୟ କିଛି ରହିଥିଲା ସେ ନେଇ ମଧ ପୋଲିସ ଜେରା କରିଥିବା ଜଣାପଡିଛି। ଟାଟା ମୋଟର୍ସରେ ଚାକିରି ଦେବା ପାଇଁ କେତେ ଜଣଙ୍କଠାରୁ ଟଙ୍କା ଆଦାୟ କରାଯାଇଥିଲା। କାହା ଜରିଆରେ ଉକ୍ତ ଟଙ୍କା ଆସିଥିଲା, ଉକ୍ତ ଟଙ୍କା କେଉଁଠି ବିନିଯୋଗ ହୋଇଛି ସେ ନେଇ ପୋଲିସର ଉଚ୍ଚ ଅଧିକାରୀମାନେ ଉଭୟଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି। ସେହିପରି ଆକାଶ ପାଠକ କିପରି ନିଜକୁ ଟାଟା ମୋଟର୍ସର ଜଣେ ବରିଷ୍ଠ ଅଧିକାରୀ ଭାବେ ପରିଚୟ ଦେଇ ଏହି ଠକେଇ କରିଥିଲେ ସେ ନେଇ ପୋଲିସ ତଥ୍ୟ ସଂଗ୍ରହ କରିଛି। ଏହି ମାମଲାରେ ପାଠକ ବାପ-ପୁଅ ଓ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସମ୍ପୃକ୍ତିକୁ ପ୍ରମାଣ କରିବା ପାଇଁ ପୋଲିସ ଏବେ ଜୋରା କରିଛି। ଶୁକ୍ରବାର କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ଗୋଳନ୍ଥରା ଥାନାରେ ଥିବା ଉଭୟ ପାଠକ ବାପ-ପୁଅଙ୍କୁ ଆଇନଜୀବୀ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ସାକ୍ଷାତ କରିଥିଲେ। ସୂଚନାନୁଯାୟୀ ଗୋଳନ୍ଥରା ଥାନାରେ ଜଣେ ଲୋକଙ୍କ ବୟାନକୁ ଆଧାର କରି ପୋଲିସ ବାପ-ପୁଅଙ୍କୁ ଏହି ମାମଲାରେ ଛନ୍ଦିଥିଲା। ଗୁରୁବାର ଉଭୟ ବାପ-ପୁଅଙ୍କୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା।

## ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ ଦାବି

ବ୍ରହ୍ମପୁର ଅଫିସ, ୧୩।୨

ପେଟ୍ରୋଲ ଓ ଡିଜେଲ ଦର ହୁ ହୁ ହୋଇ ବୃଦ୍ଧି ପାଉଥିବା ବେଳେ ଏହାକୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଶନିବାର ହିଲ୍‌ପାଟଣାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦାବି ହୋଇଛି। ଗତ ୧୦ ମାସ ଧରି ସମଗ୍ର ବିଶ୍ୱ ମହାମାରୀ କରୋନାରେ ଜର୍ଜରିତ ହୋଇ ପଡ଼ିଥିବା ବେଳେ ଦେଶ ଓ ରାଜ୍ୟବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ଏଭଳି ସ୍ଥିତିରେ ପଟ୍ରୋଲ ଓ ଡ଼ିଜେଲ୍ ଦର ବୃଦ୍ଧି ପାଇବା ବୋଝ ଉପରେ ନଳିତା ବିଡ଼ା ସଦୃଶ ବୋଲି ସଂଘ କହିଛି। ଏଥିସହ ୨୫ଟଙ୍କାରୁ ୨୬ ଟଙ୍କା ଅଶୋଧିତ ତୈଳ ଦର ଗ୍ରାହକଙ୍କ ନିକଟରେ ପହଞ୍ଚିଲା ବେଳକୁ ତାହା କିପରି ୯୦ ଟଙ୍କାରେ ପରିଣତ ହେଉଛି ତାହାର ଏକ ତାଲିକା ସଂଘ ପକ୍ଷରୁ ପ୍ରକାଶ କରାଯାଇଥିଲା। ଏଥିସହ ନେପାଳରେ ପେଟ୍ରୋଲ ଦର ୫୩ ଟଙ୍କା ଓ ଶ୍ରୀଲଙ୍କାରେ ୫୧ ଟଙ୍କା ଥିବା ସ୍ଥଳେ ଭାରତରେ ୯୪ ଟଙ୍କା ହେବା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ଓ ଶୋଷଣ ବିରୋଧୀ ନୀତି ବୋଲି ସଂଘ ଅଭିଯୋଗ କରିଛି। ଏଣୁ ଆଗାମୀ ୩୦ ଦିନ ମଧ୍ୟରେ ପେଟ୍ରୋଲ ଓ ଡ଼ିଜେଲ୍ ଦରକୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ସଂଘ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଭାରତୀୟ ବିକାଶ ପରିଷଦ ରାଜ ରାସ୍ତାକୁ ଓହ୍ଲାଇବା ସହ ସର୍ବୋଚ୍ଚ ନ୍ୟାୟାଳୟର ଆଶ୍ରୟ ନେବା ପାଇଁ ଚେତାବନୀ ଦେଇଛି। ଏଥିରେ ସଂଘ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ, ଉପସଭାପତି କିଶୋର ପାତ୍ର, ସମ୍ପାଦକ ବୃନ୍ଦାବନ ବେହେରା, ରାଜେନ୍ଦ୍ର ବେହେରା ଓ ଲଳିତ ମୋହନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁରରେ ବିମାନବନ୍ଦର ପାଇଁ ହିଞ୍ଜିଳିରେ ଆନ୍ଦୋଳନ

ହିଞ୍ଜିଳିକାଟୁ,୧୩।୨(ଡି.ଏନ୍.ଏ.)

ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହରରେ ବିମାନ ବନ୍ଦର ସ୍ଥାପନ ଦାବିନେଇ ହିଞ୍ଜିଳିକାଟୁରେ ଶନିବାର ମିଳିତ କ୍ରିୟାନୁଷ୍ଠାନ କମିଟି ବ୍ରହ୍ମପୁର ପକ୍ଷରୁ ଆନ୍ଦୋଳନ କରାଯାଇଛି। କମିଟିର ସଦସ୍ୟମାନେ ସ୍ଥାନୀୟ ବିଜୁବାବୁ ଛକରେ ଦାବି ପ୍ରସଙ୍ଗରେ ପ୍ରଥପ୍ରାନ୍ତ ସଭା କରିଥିଲେ। ଦାବିକୁ ସମର୍ଥନ ଜଣାଇ ଦସ୍ତଖତ ଅଭିଯାନରେ ଶତାଧିକ ବ୍ୟକ୍ତି ସ୍ୱାକ୍ଷର କରିଥିଲେ। ଉଡ଼ାନ୍ ଯୋଜନାରେ ଓଡ଼ିଶାକୁ ମଞ୍ଜୁର ହୋଇଥିବା ବିମାନ ବନ୍ଦର ତାଲିକାରେ ବ୍ରହ୍ମପୁରର ସ୍ଥାନ ନାହିଁ। ଏଥିପାଇଁ କମିଟି ସଦସ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗଞ୍ଜାମ ଜିଲ୍ଲା ପ୍ରତି ବୈମାତୃତ ମନୋଭାବ କରୁଥିବା ଅଭିଯୋଗ କରିଥିଲେ। ଆନ୍ଦୋଳନକୁ ତୀବ୍ର କରିବାକୁ ସଦସ୍ୟମାନେ ମତ ରଖିଥିଲେ। ଆସନ୍ତା ଏପ୍ରିଲ ପହିଲା ସୁଦ୍ଧା ବ୍ରହ୍ମପୁରରେ ବିମାନ ବନ୍ଦର ସ୍ଥାପନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ପଦକ୍ଷେପ ନେଇ ଘୋଷଣା କରିବାକୁ କମିଟି ପକ୍ଷରୁ ଦାବିକରାଯାଇଛି। ଦାବି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ଼ ପଠାଯାଇଥିଲା। ଏଥିରେ କ୍ରିୟାନୁଷ୍ଠାନ କମିଟିର ଆବାହକ ରାଜେନ୍ଦ୍ର ପଣ୍ଡା, ଅବନୀ ଗୟା, ଭିକାରୀ ଚରଣ ବେହେରା ଗୌରହରୀ ପୃଷ୍ଟି, ରାକେଶ ରଥ, ବିଶ୍ୱଦେବ ପ୍ରମୁଖଙ୍କ ସହ ବହୁ କମିଟି ସଦସ୍ୟ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।



ବିଜୁଛକରେ ପଥପ୍ରାନ୍ତ ସଭା।

# ପୃଥକ୍ ଦୁର୍ଘଟଣାରେ ରାଜମିସ୍ତ୍ରି, ଚାଷୀ ମୃତ

ଛତ୍ରପୁର,୧୩।୨(ଡି.ଏନ.ଏ)

**୪ ଘଣ୍ଟା ଜାତୀୟ ରାଜପଥ ଅବରୋଧ**


ଜାତୀୟ ରାଜପଥ ଅବରୋଧ କରାଯାଇଛି।

ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅଞ୍ଚଳରେ ଶନିବାର ୨ଟି ଦୁର୍ଘଟଣାରେ ଦୁଇଜଣଙ୍କର ଜୀବନ ଯାଇଛି। ସେଥିମଧ୍ୟରେ ଜଣେ ଚାଷୀ ଓ ଅନ୍ୟଜଣେ ରାଜମିସ୍ତ୍ରି ରହିଛନ୍ତି। ଏହାର ପ୍ରତିବାଦ ସହ ବିଭିନ୍ନ ଦାବି ନେଇ ସ୍ଥାନୀୟ ଲୋକେ ପୃଥକ୍ ୨ ଟି ସ୍ଥାନରେ ରାସ୍ତାରୋକୋ କରିଥିଲେ। ଫଳରେ ସାଢେ ୪ ଘଣ୍ଟାଧରି ବ୍ରହ୍ମପୁର-ଭୁବନେଶ୍ୱର ଜାତୀୟ ରାଜପଥ ଏବଂ କିଛି ସମୟ ଛତ୍ରପୁର-ତାରାତାରିଣୀ ରାସ୍ତା ଅବରୋଧ କରାଯାଇଥିଲା। ମିଳିଥିବା ସୂଚନା ଅନୁସାରେ, ଛତ୍ରପୁର ଡିଆରଡିଏ ଛକ ଜାତୀୟ ରାଜପଥ ରାସ୍ତାପାର ହେଉଥିବା ସମୟରେ ଶନିବାର ଅପରାହ୍ନ ୨ଟାରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ଛତ୍ରପୁର ଥାନା ବାସନାପଲ୍ଲୀ ଗାଁର ରାଜମିସ୍ତ୍ରି ଟି.ସୀତାରାମ ରେଡ୍ଡୀ(୪୨)। ସୀତାରାମ ବାଟଛତ୍ରପୁରରେ ଥିବା ଝିଅ ଶାଶୁ ଘରକୁ ଆସି ଗାଁକୁ ଫେରିବା ପାଇଁ ବାଇକ୍ (ଓଡି୦୭ୱାଇ ୮୬୧୬)ରେ ଜାତୀୟ ରାଜପଥ ପାର ହେଉଥିବା ବେଳେ ଭୁବନେଶ୍ୱରରୁ ଆନ୍ଧ୍ରକୁ ଯାଉଥିବା ଏକ ଟ୍ରକ ( ଟିଏନ୍୩୪ ଏଏଫ୍-୨୬୬୬) ତାଙ୍କୁ ଧକ୍କା ଦେଇଥିଲା।

ସ୍ଥାନୀୟ ଲୋକେ ଏହାର ପ୍ରତିବାଦ ସହ ଡିଆରଡିଏ ଛକ ସମ୍ମୁଖ ଜାତୀୟ ରାଜପଥ ଅବରୋଧ କରିଥିଲେ। ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଜାତୀୟ ରାଜପଥରେ ଓଭରବ୍ରିଜ୍ ନିର୍ମାଣ, ୨୪ ଘଣ୍ଟିଆ ଟ୍ରାଫିକ୍ ପୋଷ୍ଟ କାର୍ଯ୍ୟକ୍ଷମ ପାଇଁ ଦାବିକରି ଟାୟାର ଜାଳିଥିଲେ। ଘଟଣାସ୍ଥଳରେ ଛତ୍ରପୁର ଏସଡିପିଓ ଗୌତମ କିଷାନ୍, ତହସିଲଦାର ନୀଳମାଧବ ଭୋଇ ଓ ଆଇଆଇସି ପ୍ରିୟରଞ୍ଜନ ଛୋଟରାୟ, ଚମାଖଣ୍ଡି ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଛତ୍ରପୁର ଡିଆରଡିଏ ଛକରେ ସକାଳ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପୋଲିସ କର୍ମଚାରୀ ସହ ଟ୍ରାଫିକ୍ ସିଗ୍‌ନାଲ ଲାଇଟ୍ ଲାଗିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମୃତକଙ୍କ ପରିବାରକୁ ରେଡକ୍ରସ୍‌ରୁ ୨୦ ହଜାର ଟଙ୍କା ଦିଆଯାଇଥିଲା। ସନ୍ଧ୍ୟାରେ ଜାତୀୟ ରାଜପଥରୁ ଅବରୋଧ ହଟିଥିଲା। ସେହିପରି ବଡମାଧପୁର-ତାରାତାରିଣୀ ରାସ୍ତାରେ ପୂର୍ବାହ୍ନରେ ଏକ ବାଲି ବୋଝେଇ ଟ୍ରାକ୍ଟର ସହ ସାଇକେଲ ଧକ୍କା ହୋଇଥିଲା। ଫଳରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୋବାଗାଁର ସୋମନାଥ ସ୍ୱାଇଁ (୫୦)। ପୂର୍ବାହ୍ନରେ ସୋମନାଥ ବଡମାଧପୁରରୁ ଟମାଟୋ ବିକ୍ରି କରି ଗାଁକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ବଡମାଧପୁର ବାଲିଘାଟରୁ ବାଲିବଗଡ ଯାଉଥିବା ବାଲି ବୋଝେଇ ଟ୍ରାକ୍ଟର( ଓଡି୦୭ଜେ ୭୫୩୯) ସହ ବଡମାଧପୁର -ତାରାତାରିଣୀ ମୁଖ୍ୟ ରାସ୍ତା ଶିବ ମନ୍ଦିର ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସାଇକେଲ ଆରୋହୀ ସୋମନାଥଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଲୋକେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକ ପଞ୍ଚୁ ଗୌଡ ଓ ଗାଡି ଅଟକ ରଖି ଲୋକେ କ୍ଷତିପୂରଣ ଦାବି କରିଥିଲେ। ପରେ ଗୋବା, ବଡମାଧପୁର ଲୋକେ,ଟ୍ରାକ୍ଟର ମାଲିକ ସହ ପ୍ରଶାସନର ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ଦେବାକୁ ସ୍ଥିର ହେବା ପରେ କିଛି ସମୟ ଧରି ଚାଲିଥିବା ରାସ୍ତାରୋକୋ ହଟିଥିଲା। ପରେ ଛତ୍ରପୁର ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ହସ୍ପିଟାଲକୁ ପଠାଇଥିଲେ।

